# NATIONAL NEWS BULLETIN (ODIA)

## 3 September - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଡିଜିଟାଲ୍ ଯୁଗରେ ଉପଲବ୍ଧ ବିସ୍ତୃତ ଶିକ୍ଷା ସମ୍ବଳର ଉପଯୁକ୍ତ ବିନିଯୋଗ କରିବା ଲାଗି ଶିକ୍ଷାର୍ଥିମାନଙ୍କୁ ରାଷ୍ଟ୍ରପତିଙ୍କ ଆହ୍ୱାନ ।
- ସେମିକଣ୍ଡକ୍ଟର ସହ ସମ୍ପୃକ୍ତ ଅଗ୍ରଣୀ ଶିଳ୍ପାନୁଷ୍ଠାନର ସି.ଇ.ଓ.ମାନଙ୍କ ସହିତ ଗୋଲଟେବୁଲ୍ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ।
- ଭାରତରେ ବ୍ୟବସାୟ କରିବାକୁ ଚାହୁଁଥିବା ଜର୍ମାନ କମ୍ପାନୀଗୁଡ଼ିକ ପ୍ରତି ଦିଆଯିବ ସ୍ୱତନ୍ତ୍ର ଧ୍ୟାନ, କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ଉତ୍ତର-ପୂର୍ବ ବେସାମରିକ ବିମାନ ଚଳାଚଳ ସମ୍ମିଳନୀର ତୃତୀୟ ସଂସ୍କରଣ ଆସନ୍ତାକାଲିଠାରୁ ଆରମ୍ଭ ହେବ ଇଟାନଗରରେ ।

ଏବଂ

- ଛତିଶଗଡ଼ର ସୁକ୍‌ମା ଜିଲ୍ଲାରେ ୯ ମହିଳାଙ୍କ ସମେତ ୨୦ ଜଣ ମାଓବାଦୀ କଲେ ଆତ୍ମସମର୍ପଣ ।

# ପ୍ରେସିଡେଣ୍ଟ– ଟିଏନ୍ ଭିଜିଟ୍

ଡିଜିଟାଲ୍ ଯୁଗରେ ଉପଲବ୍ଧ ବିସ୍ତୃତ ଶିକ୍ଷା ସମ୍ବଳର ଉପଯୁକ୍ତ ବିନିଯୋଗ କରିବା ଲାଗି ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁ ଶିକ୍ଷାର୍ଥିମାନଙ୍କୁ ଆହ୍ୱାନ ଦେଇଛନ୍ତି । ଆଜି ତିରୁଭାରୁର୍ ସ୍ଥିତ ତାମିଲନାଡୁର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଦେଶର ଶିକ୍ଷାନୁଷ୍ଠାନ ଗୁଡ଼ିକର ନିରନ୍ତର ବିକାଶ ଲାଗି ଫୋର୍ ପଏଣ୍ଟ ଜିରୋକୁ କାର୍ଯ୍ୟକାରୀ କରିବା ଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି । ଛାତ୍ରଛାତ୍ରୀମାନେ ଏହାର ସର୍ବାଧିକ ସୁଯୋଗ ନେବା ଉପରେ ଶ୍ରୀମତୀ ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି । ପୂର୍ବତନ ରାଷ୍ଟ୍ରପତି ଡକ୍ଟର ରାଧାକ୍ରିଷ୍ଣନ୍‌ଙ୍କୁ ସ୍ମରଣ କରି ସେ କହିଛନ୍ତି, ଜ୍ଞାନ ଓ ସାମଗ୍ରୀକ ବିକାଶ ଲାଗି ଶିକ୍ଷା ଅତ୍ୟନ୍ତ ଜରୁରୀ । ନୂତନ ଶିକ୍ଷାନୀତି ଅନୁସାରେ ଛାତ୍ରଛାତ୍ରୀମାନେ ନବସୃଜନତାକୁ ଆପଣାଇବା ସହ ସମାଜର ଅଭିବୃଦ୍ଧି ଲାଗି କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି । ଏହି ସମାବର୍ତ୍ତନ ସମାରୋହରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ଛାତ୍ରୀ ଥିବାରୁ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ୪୫ ଜଣଙ୍କୁ ସ୍ୱର୍ଣ୍ଣ ପଦକ ଏବଂ ୪୪ ଜଣଙ୍କୁ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଛନ୍ତି ।

## ପିଏମ୍-ସେମିକଣ୍ଡକ୍ଟର

ସେମିକଣ୍ଡକ୍ଟର ସହ ସମ୍ପୃକ୍ତ ଅଗ୍ରଣୀ ଶିକ୍ଷାନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ – ସି.ଇ.ଓ.ମାନଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏକ ଗୋଲଟେବୁଲ୍ ବୈଠକରେ ଆଲୋଚନା କରିଛନ୍ତି । ନୂଆଦିଲ୍ଲୀର ଯଶୋଭୂମି ଠାରେ ଚାଲିଥିବା ସେମିକନ୍ ଇଣ୍ଡିଆ ୨୦୨୫ର ଆଜି ଦ୍ୱିତୀୟ ଦିନ ଅବସରରେ ଶ୍ରୀ ମୋଦୀ ଏହି ବୈଠକ କରିଛନ୍ତି । ବିଶ୍ୱର ପ୍ରମୁଖ ସେମିକଣ୍ଡକ୍ଟର ସଂସ୍ଥାର ସି.ଇ.ଓ.ମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଦେଶରେ ସେମିକଣ୍ଡକ୍ଟର ବ୍ୟବସ୍ଥା ଓ ଏହାର ଅଭିବୃଦ୍ଧି ଏବଂ ବିକାଶ ସମ୍ପର୍କରେ ମୁଖ୍ୟତଃ ଆଲୋଚନା କରିଥିବା ଜଣାଯାଇଛି ।

୩ ଦିନିଆ ଏହି ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଉଦ୍‌ଘାଟନ କରିଥିଲେ । ବୈଶ୍ୱିକ ସେମିକଣ୍ଡକ୍ଟର ଶୃଙ୍ଖଳ ବ୍ୟବସ୍ଥାରେ ଭାରତକୁ ଏକ ବିଶ୍ୱସ୍ତ ଭାଗିଦାରୀ ଭାବେ ଗଢ଼ିତୋଳିବା ଉଦ୍ଦେଶ୍ୟରେ ସେମିକନ୍ ଇଣ୍ଡିଆ ୨୦୨୫ ଆୟୋଜନ କରାଯାଇଛି । ସେମିକଣ୍ଡକ୍ଟର ଡିଜାଇନ୍ ନିର୍ମାଣ, ପ୍ରଯୁକ୍ତି ବିକାଶ ଦିଗରେ ଭାରତକୁ ଏକ ହବ୍‌ରେ ପରିଣତ କରିବା ଲାଗି ଏହି ସମ୍ମଳନୀ ଉଲ୍ଲେଖନୀୟ ପଦକ୍ଷେପ ହେବ ବୋଲି କୁହାଯାଉଛି ।

## ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ତାଙ୍କର ଜର୍ମାନ୍ ପ୍ରତିପକ୍ଷ ଜୋହାନ୍ ଡେଭିଡ୍ ୱାଡେଫୁଲ୍‌ଙ୍କ ସହିତ ଦୁଇ ଦେଶ ମଧ୍ୟରେ ଥିବା ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଫଳପ୍ରଦ ଆଲୋଚନା କରିଛନ୍ତି । ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ବୈଠକରେ ଉଭୟ ପକ୍ଷ ରାଜନୈତିକ ସହଯୋଗ, ସୁରକ୍ଷା, ପ୍ରତିରକ୍ଷା, ଜଳବାୟୁ ପରିବର୍ତ୍ତନ, ଭବିଷ୍ୟତ ବୈଷୟିକ ଜ୍ଞାନକୌଶଳ ଏବଂ ଜନସମ୍ପର୍କ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମତ ବିନିମୟ କରିଛନ୍ତି । ଏତଦ୍‌ବ୍ୟତୀତ ଭାରତ-ଜର୍ମାନ ସହିତ ୟୁରୋପୀୟ ସଂଘର ସମ୍ପର୍କ ପ୍ରସଙ୍ଗରେ ମଧ୍ୟ ଉଭୟ ଆଲୋଚନା କରିଛନ୍ତି । ପରେ ଜର୍ମାନ ପ୍ରତିପକ୍ଷଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଉଭୟ ଦେଶ ବିଭିନ୍ନ ଆଞ୍ଚଳିକ, ବୈଶ୍ୱିକ ତଥା ବିବିଧ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି ।

ଆତଙ୍କବାଦ ବିରୁଦ୍ଧରେ ଭାରତର ଲଢ଼େଇକୁ ଜର୍ମାନ ସମ୍ମାନ ପ୍ରଦର୍ଶନ କରିଥିବାରୁ ଡକ୍ଟର ଜୟଶଙ୍କର ଏହାର ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଆତଙ୍କବାଦ ଆକ୍ରମଣ ବିପକ୍ଷରେ ନିଜକୁ ରକ୍ଷା କରିବା ଲାଗି ଭାରତର ଅଧିକାରକୁ ଶ୍ରୀ ୱାଡେଫୁଲ୍ ସମ୍ପୂର୍ଣ୍ଣ ସମର୍ଥନ କରିଛନ୍ତି । ଭାରତ-ଜର୍ମାନ ମଧ୍ୟରେ ଦ୍ୱିପାକ୍ଷୀୟ ବାଣିଜ୍ୟ କାରବାର ଗତବର୍ଷ ପ୍ରାୟ ୫୦ ବିଲିୟନ୍ ୟୁରୋ ସ୍ପର୍ଶ କରିଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଆଗାମୀ ଦିନରେ ଏହି ପରିମାଣକୁ ଦ୍ୱିଗୁଣିତ କରିବା ଲାଗି ସାମର୍ଥ୍ୟ ଥିବା ସମ୍ପର୍କରେ ତାଙ୍କ ଜର୍ମାନ୍ ପ୍ରତିପକ୍ଷ ସମ୍ପୂର୍ଣ୍ଣ ଆଶାବାଦୀ ବୋଲି ସେ

କହିଛନ୍ତି । ଦେଶରେ ବ୍ୟାବସାୟ କରିବା ପ୍ରକ୍ରିୟାକୁ ଅଧିକ ସରଳୀକରଣ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ଭାରତରେ ବ୍ୟବସାୟ କରିବାକୁ ଚାହୁଁଥିବା ଜର୍ମାନ କମ୍ପାନୀ ଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ଡକ୍ଟର ଜୟଶଙ୍କର ପ୍ରତିଶ୍ରୁତି ଦେଇଛନ୍ତି ।

ଭାରତ-ଜର୍ମାନ ମଧ୍ୟରେ ବୈଜ୍ଞାନିକ ସହଯୋଗର ୫୦ ବର୍ଷ ପୂର୍ତ୍ତି ଉପରେ ଆଲୋକପାତ କରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏହି ଭାଗିଦାରୀକୁ ଅଧିକ ସଶକ୍ତ କରିବା ସହିତ ଦୁଇ ଦେଶର ଶିକ୍ଷାନୁଷ୍ଠାନ ଅଧିକ ନିକଟତର ହେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଦୁଇ ଦେଶ ମଧ୍ୟରେ ମହାକାଶ କ୍ଷେତ୍ର, ସବୁଜ ହାଇଡ୍ରୋଜେନ୍, ସବୁଜ ଶକ୍ତି ଓ ଜୈବ ଇନ୍ଧନ ଭଳି କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ଉପରେ ଡକ୍ଟର ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି ।

ଏହି ଅବସରରେ ଜର୍ମାନ ବୈଦେଶିକ ମନ୍ତ୍ରୀ ଶ୍ରୀ ୱାଡେଫୁଲ୍ ଭାରତକୁ ଏକ ଅଭିନବ ବୈଷୟିକ ଜ୍ଞାନକୌଶଳ ତଥା ଶକ୍ତି କେନ୍ଦ୍ର ଭାବେ ଅଭିହିତ କରିଛନ୍ତି । ଅର୍ଥନୀତି ସମେତ ବିଭିନ୍ନ କ୍ଷେତ୍ରରେ ସର୍ବବୃହତ ଗଣତାନ୍ତ୍ରିକ ଦେଶ ଭାରତ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି । ଦୁଇ ଦେଶ ମଧ୍ୟରେ ଅର୍ଥନୀତି ସହଯୋଗକୁ ଅଧିକ ସମ୍ପ୍ରସାରିତ କରାଯିବା ଦ୍ୱାରା ଉଭୟ ଦେଶ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି । ସନ୍ତ୍ରାସବାଦ ବିରୁଦ୍ଧରେ ଭାରତ ନିଜର ରକ୍ଷା ଲାଗି ନେଉଥିବା ପ୍ରତିଟି ପଦକ୍ଷେପକୁ ଜର୍ମାନ୍ ନିରନ୍ତର ଭାବେ ସମର୍ଥନ ଦେଇ ଆସୁଛି ବୋଲି ଶ୍ରୀ ୱାଡେଫୁଲ୍ କହିଛନ୍ତି ।

# ପିଏମ୍-କର୍ମା ପୂଜା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରମ୍ ପୂଜା ଅବସରରେ ନାଗରିକମାନଙ୍କୁ ବିଶେଷ କରି ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ଅତୁଟ ପ୍ରେମର ପ୍ରତୀକ ସଦୃଶ । ପ୍ରଧାନମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି ଯେ ଏହି ପବିତ୍ର ପର୍ବ ସମସ୍ତଙ୍କ ପାଇଁ ଖୁସି, ସମୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟ ସହିତ ଦେଶବାସୀଙ୍କୁ ପରିବେଶ ସଂରକ୍ଷଣ ପ୍ରତି ପ୍ରେରଣା ଦେବ ।

# ନର୍ଥ ଇଷ୍ଟ

ଉତ୍ତର-ପୂର୍ବ ବେସାମରିକ ବିମାନ ଚଳାଚଳ ସମ୍ମିଳନୀର ତୃତୀୟ ସଂସ୍କରଣ ଆସନ୍ତାକାଲିଠାରୁ ଅରୁଣାଚଳ ପ୍ରଦେଶର ଇଟାନଗରରେ ଆରମ୍ଭ ହେବ । କେନ୍ଦ୍ର ବେସାମରିକ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜାରାପୁ ଏବଂ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ଏଥିରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀମାନେ, ନୀତି ନିର୍ଦ୍ଧାରକ ଏବଂ ଏଥିସହିତ ସମ୍ପୃକ୍ତ ଅଗ୍ରଣୀ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ । ମୁଖ୍ୟତଃ ଆଞ୍ଚଳିକ ସଂଯୋଗୀକରଣ ଲାଗି ରଣନୀତି ନିର୍ଦ୍ଧାରଣ କରିବା ଏବଂ ସମ୍ପୃକ୍ତ ଅଞ୍ଚଳର ବେସାମରିକ ବିମାନ

ଚଳାଚଳ କ୍ଷମତାକୁ ସଶକ୍ତ କରିବା ଉପରେ ଆଲୋଚନା କରାଯିବ । ଏହି ସମ୍ମିଳନୀ ଅରୁଣାଚଳ ପ୍ରଦେଶ ସରକାରଙ୍କ ସହାୟତାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ଫିକି ସହଯୋଗରେ ଆୟୋଜିତ ହେଉଛି । ପୂର୍ବରୁ ଏହି ସମ୍ମିଳନୀର ଦୁଇଟି ସଂସ୍କରଣ ଆସାମ ଓ ମେଘାଳୟରେ ଅନୁଷ୍ଠିତ ହୋଇଥିଲା ।

## ଗଡ଼କରୀ-ୱାର୍କସପ୍

ନୂଆଦିଲ୍ଲୀରେ ଆଜି ସ୍ଥାୟୀ ଜାତୀୟ ରାଜପଥ ବିକାଶ ପାଇଁ ଅଭିନବ ନୀତି ହସ୍ତକ୍ଷେପ ଉପରେ ଏକ ପରାମର୍ଶ କର୍ମଶାଳାରେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଅଧ୍ୟକ୍ଷତା କରିଥିଲେ । ଏହି କର୍ମଶାଳାରେ  ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସହରାଞ୍ଚଳରେ ଭିଡ଼ କମ୍ କରିବା ଉପରେ ବିଶେଷ ଧ୍ୟାନ ଦେଇ ବିଶ୍ୱସ୍ତରୀୟ, ସ୍ଥାୟୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପରିବହନ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହି କର୍ମଶାଳାରେ ରାଜ୍ୟ ମନ୍ତ୍ରୀ ଅଜୟ ଟାମ୍ଟା ଏବଂ ହର୍ଷ ମାଲ୍ହୋତ୍ରା, ରାଜ୍ୟ ସରକାରଙ୍କର ବରିଷ୍ଠ ଅଧିକାରୀ ଏବଂ ମ୍ୟୁନ୍ସିପାଲ୍ କମିଶନରମାନେ ଅଂଶଗ୍ରହଣ କରିଥିଲେ ।

## ଛତିଶଗଡ଼-ମାଓବାଦୀ

ଛତିଶଗଡ଼ର ସୁକ୍‌ମା ଜିଲ୍ଲାରେ ୯ ଜଣ ମହିଳାଙ୍କ ସମେତ ୨୦ ଜଣ ମାଓବାଦୀ ଆଜି ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଏହି ମାଓବାଦୀଙ୍କ ଲାଗି ମୋଟ୍ ୨୩ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ଆଜି ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ବିଭିନ୍ନ ହିଂସାତ୍ମକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ ବୋଲି ସୁକମା ପୁଲିସ୍ ଅଧିକ୍ଷକ କିରଣ ଚୌହାନ କହିଛନ୍ତି ।

## ରୁଷିଆ-ଇଣ୍ଡିଆ

ତେଲ ଏବଂ ଅନ୍ୟାନ୍ୟ ସାମଗ୍ରୀର ନିରନ୍ତର ଆମଦାନୀ ଉପରେ ଆମେରିକାର ଚାପ ଆଗରେ ଭାରତର ଦୃଢ଼ ଆଭିମୁଖ୍ୟକୁ ମସ୍କୋ ପ୍ରଶଂସା କରିଛି । ରୁଷିଆର ବୈଦେଶିକ ମନ୍ତ୍ରୀ ସର୍‌ଗେ ଲାଭ୍‌ରୋଭ୍ ଇଣ୍ଡୋନେସିଆର ଏକ ସମ୍ବାଦ ସରୋବରାହ ସଂସ୍ଥା ସହିତ ସାକ୍ଷାତକାରରେ କହିଛନ୍ତି ଯେ ଭାରତର କାର୍ଯ୍ୟ ମୁକ୍ତ ବାଣିଜ୍ୟ ନୀତି ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳନ କରେ । ପୂର୍ବରୁ ଅଗଷ୍ଟ ମାସରେ ମସ୍କୋରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ତାଙ୍କ ଶେଷ ସାକ୍ଷାତକାରରେ ଲାଭ୍‌ରୋଭ୍ ଏସ୍.ସି.ଓ., ବ୍ରିକ୍ସ ଏବଂ ଜି-୨୦ ଭଳି ବିଶ୍ୱ ମଞ୍ଚରେ ରୁଷିଆ ଏବଂ ଭାରତ ମଧ୍ୟରେ ବହୁପାକ୍ଷିକ ସହଯୋଗକୁ ମଧ୍ୟ ପ୍ରଶଂସା କରିଥିଲେ । ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ ଏହି ବର୍ଷ

ଶେଷରେ ଏକ ଶିଖର ସମ୍ମିଳନୀ ପାଇଁ ଭାରତ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି ।

## ପାକ୍-ଆଟାକ୍

ଉତ୍ତର-ପଶ୍ଚିମ ପାକିସ୍ତାନର ଖାଇବର୍ ପଖତୁନ୍‌ଖ୍ୱା ପ୍ରଦେଶରେ ଆଜି ଅଜ୍ଞାତ ଆକ୍ରମଣକାରୀମାନେ ଏକ ଯାତ୍ରୀବାହି ଗାଡ଼ି ଉପରେ ଗୁଳି ଚଳାଇବା ଫଳରେ ଅତି କମ୍‌ରେ ୬ ଜଣ ଲୋକଙ୍କର ପ୍ରାଣହାନୀ ଘଟିଛି । ଗାଡ଼ିଟି ଦାରାଦରରୁ ସଦ୍ଦା ଯାଉଥିବା ବେଳେ ଆଫଗାନିସ୍ତାନ ସୀମାନ୍ତବର୍ତ୍ତୀ ତଳକୁରମ୍ ଜିଲ୍ଲାର ମୋହରା ନିକଟରେ ସନ୍ଦିଗ୍ଧ ଆତଙ୍କବାଦୀମାନେ ହଠାତ୍ ଆକ୍ରମଣ କରିଥିଲେ ବୋଲି ସ୍ଥାନୀୟ ପୁଲିସ୍ କହିଛି । ଆକ୍ରମଣ ପରେ ଆକ୍ରମଣକାରୀମାନେ ଖସି ପଳାଇବାରେ ସଫଳ ହୋଇଥିଲେ । ମୃତକମାନଙ୍କର ମୃତ ଦେହକୁ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ପିଡ଼ିତମାନଙ୍କୁ ଏ ପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ଗତକାଲି ଖାଇବର୍ ପଖତୁନ୍‌ଖ୍ୱା ପ୍ରଦେଶରେ ଏକ ଅର୍ଦ୍ଧସାମରିକ ବାହିନୀର ମୁଖ୍ୟାଳୟ ଉପରେ ସୁରକ୍ଷା ବାହିନୀ ଏକ ଆତଙ୍କବାଦୀ ଆକ୍ରମଣକୁ ସଫଳତାର ସହ ପ୍ରତିହତ କରିଥିବା ବେଳେ ଏଥିରେ ୬ ସୈନିକଙ୍କ ସମେତ ୫ ଜଣ ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ସେନା ପକ୍ଷରୁ କୁହାଯାଇଛି ।

# ହକି

ବିହାରର ରାଜଗିରି ଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ସୁପର-ଫୋର୍ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହୋଇଛି । ଆଉ ଅଳ୍ପ ସମୟ ପରେ ଆରମ୍ଭ ହେବାକୁ ଥିବା ଏହି ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଦକ୍ଷିଣ କୋରିଆକୁ ଭେଟିବ । ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ରାଜଗିରି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ଏହି ଷ୍ଟାଡିୟମ୍‌ରେ ସୁପରଫୋର୍'ର ପ୍ରଥମ ମ୍ୟାଚ୍ ଚୀନ୍ ଓ ମାଲେସିଆ ମଧ୍ୟରେ ବର୍ତ୍ତମାନ ଜାରି ରହିଛି। ସମ୍ବାଦ ପ୍ରସ୍ତୁତ ହେବା ସମୟରେ ଉଭୟ ଦଳ କେହି କାହାକୁ ଗୋଲ୍ ଦେଇନାହାଁନ୍ତି।

ଏହି ଚାମ୍ପିୟାନ୍‌ସିପ୍‌ରେ ପଞ୍ଚମରୁ ଅଷ୍ଟମ ସ୍ଥାନରେ ସ୍ଥାନିତ ହେବା ଲାଗି ଆଜିଠାରୁ କ୍ଲାସିଫିକେସନ୍ ମ୍ୟାଚ୍ ଆରମ୍ଭ ହୋଇଛି । ପ୍ରଥମ ମ୍ୟାଚ୍‌ରେ ଜାପାନ୍ ଚାଇନିଜ୍ ତାଇପେଇକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି । ଏହି ମ୍ୟାଚ୍ ରାଜଗିରି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯାଇଥିଲା ।